ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଯା ଦେବୀ ସର୍ବଭୂତେଷୁ.....

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୧୯ ସେପ୍ଟେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 19 September 2025
Vol.No. 36 ■ No.248 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ସଂଗ୍ରହ କରନ୍ତୁ
ବାର୍ଷିକ ସଂଖ୍ୟା

ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net

ନଭେମ୍ବର ଶେଷ ସୁଦ୍ଧା ଭାରତ ଉପରୁ ଅତିରିକ୍ତ ଶୁଳ୍କ ପ୍ରତ୍ୟାହାର କରିପାରେ ଆମେରିକା

ନୂଆଦିଲ୍ଲୀ,୧୯/୯ : ରୁଷଠାରୁ ତୈଳ କିଣିବା ପ୍ରସଂଗ ନେଇ ଭାରତ ଉପରେ ଅଗଷ୍ଟ ୨୭ ତାରିଖରୁ ଅତିରିକ୍ତ ଶୁଳ୍କ ଲାଗୁ କରିଛି ଆମେରିକା। ରୁଷ ସହ ଭାରତର ଭଲ ସଂପର୍କ ପାଇଁ ଏହା ଆମେରିକାର ପ୍ରତିଶୋଧାତ୍ମକ ପଦକ୍ଷେପ। ତେବେ ଏବେ ଜାଣିବାକୁ ମିଳୁଛି କି ଆମେରିକା ଭାରତ ଉପରେ ଲଗାଇଥିବା ସେହି ଦଣ୍ଡକୁ ପ୍ରତ୍ୟାହାର କରିବାକୁ ଚିନ୍ତା କରୁଛି। ଆମେରିକାର ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା (ସିଇଏ) ଭି. ଅନନ୍ତ ନାଗେଶ୍ୱରନ ଗୁରୁବାର କହିଛନ୍ତି ଯେ ଆମେରିକା ନଭେମ୍ବର ୩୦ ତାରିଖ ପରେ ଭାରତୀୟ ଆମଦାନୀ ଉପରେ ଲାଗୁ ହୋଇଥିବା ୨୫ ପ୍ରତିଶତ ଦଣ୍ଡ ଶୁଳ୍କକୁ ପ୍ରତ୍ୟାହାର କରିପାରେ। ସେ ଆଶା ପ୍ରକାଶ କରିଛନ୍ତି କି ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ସମ୍ପର୍କରେ ଯଥେଷ୍ଟ ଉନ୍ନତି ହେବ। ଭାରତ ଉପରେ ଅତିରିକ୍ତ ଶୁଳ୍କ ଆମେରିକା ଲଗାଇବା ପରେ ବି ସାମ୍ପ୍ରତିକ ସମୟରେ ସୋସିଆଲ ମିଡିଆ ଏବଂ ଫୋନ୍ କଲ୍ ମାଧ୍ୟମରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ସକାରାତ୍ମକ ଆଲୋଚନା ହୋଇଛି। କୋଲକାତାରେ ମର୍ଚାଣ୍ଟସ୍ ଚାମ୍ବର ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରି ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ନାଗେଶ୍ୱରନ୍ ଏହି ବକ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି, 'ଆମେ ସମସ୍ତେ ପୂର୍ବରୁ କାମ କରୁଛୁ ଏବଂ ମୁଁ ଏଠାରେ ଶୁଳ୍କ ବିଷୟରେ ଆଲୋଚନା କରିବାକୁ କିଛି ସମୟ ନେବି। ହଁ, ୨୫ ପ୍ରତିଶତ ପାରସ୍ପରିକ ଶୁଳ୍କ ଏବଂ ୨୫ ପ୍ରତିଶତ ଦଣ୍ଡ ଶୁଳ୍କ ଉଭୟ ଆଶା କରାଯାଇନଥିଲା। ମୁଁ ଏବେ ବି ବିଶ୍ୱାସ କରେ ଯେ ଭୂରାଜନୈତିକ ପରିସ୍ଥିତି ଯୋଗୁ ଦ୍ୱିତୀୟ ୨୫ ପ୍ରତିଶତ ଶୁଳ୍କ ଲାଗୁ କରାଯାଇଥିଲା। ଗତ କିଛି ସପ୍ତାହର ସାମ୍ପ୍ରତିକ ଘଟଣାବଳୀକୁ ଦୃଷ୍ଟିରେ ରଖି, ମୁଁ ଏହା ବିଶ୍ୱାସ କରୁଛି କି ନଭେମ୍ବର ୩୦ ତାରିଖ ପରେ କୌଣସି ଦଣ୍ଡାତ୍ମକ ଶୁଳ୍କ ରହିବ ନାହିଁ।'

ସାମ୍ବାଦିକଙ୍କୁ ପେନସନ ପ୍ରଦାନ ପାଇଁ ଅନୁରୋଧ ପାଇଛନ୍ତି ସରକାର

ଭୁବନେଶ୍ୱର, ୧୮/୯ (ନି.ପ୍ର):ସାମ୍ବାଦିକମାନଙ୍କୁ ପେନସନ ପ୍ରଦାନ ପାଇଁ ବିଭିନ୍ନ ସଂସ୍ଥା ପକ୍ଷରୁ ପ୍ରଦାନ କରାଯାଇଥିବା ଅନୁରୋଧପତ୍ର ସରକାରଙ୍କର ହସ୍ତଗତ ହୋଇଛି। ଏହାକୁ ଅନୁଧ୍ୟାନ କରି ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସାମ୍ବାଦିକମାନଙ୍କୁ ପେନସନ ପ୍ରଦାନ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଦେଶର ଅନ୍ୟ କେଉଁସବୁ ରାଜ୍ୟରେ ସାମ୍ବାଦିକମାନଙ୍କୁ କେତେ ପରିମାଣର ପେନସନ ପ୍ରଦାନ କରାଯାଉଛି ତାହାର ତଥ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗରେ ଉପଲବ୍ଧ ନାହିଁ । ଓଡିଶାରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ପେନସନ ପ୍ରଦାନ ବାବଦରେ ଆବାଶ୍ୟକୀୟ ନିଷ୍ପତିପରେ ଏ ବାବଦରେ କେତେ ଅର୍ଥ ବ୍ୟୟ ହେବ ତାହାର ଆକଳନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଖୋଲୁଛି ପୁଲିସ କନେଷ୍ଟବଳଙ୍କ ପାପ ପେଡ଼ି: ପୁଲିସ ବେଶରେ ଲୁଚି ରହିଥିଲା ହତ୍ୟାକାରୀ

ଭୁବନେଶ୍ୱର, ୧୮/୯ (ନି.ପ୍ର): କନେଷ୍ଟବଳ ଶୁଭମିତ୍ରାଙ୍କ ହତ୍ୟା ରହସ୍ୟ ଖୋଲିବା ପରେ ଦୀପକଙ୍କ ପ୍ରଥମ ପତ୍ନୀଙ୍କ ମୃତ୍ୟୁକୁ ନେଇ ବଢୁଛି ସନ୍ଦେହ। ପ୍ରଥମ ପତ୍ନୀଙ୍କ ମୃତ୍ୟୁ ଦୁର୍ଘଟଣାରେ ନୁହେଁ, ବରଂ ଦୀପକ ହିଁ ହତ୍ୟା କରିଛି ବୋଲି ସାଂଘାତିକ ଅଭିଯୋଗ ଆଣିଛନ୍ତି ତାଙ୍କ ପରିବାର ଲୋକ । ଘଟଣାର ପୁଣି ଥରେ ତଦନ୍ତ ଦାବି କରି ଥାନାର ଦ୍ୱାରସ୍ଥ ହୋଇଛନ୍ତି ପ୍ରଥମ ପତ୍ନୀଙ୍କ ଭଉଣୀ । ୨୦୧୮ ଏପ୍ରିଲ ୨୫ ତାରିଖରେ ପ୍ରଥମ ବିବାହ କରିଥିଲେ ଦୀପକ । ପତ୍ନୀ ଆରଆଇ ଥିବାବେଳେ ଦୀପକ କମିସନରେଟ୍ ପୁଲିସରେ କ୍ଲର୍କ ଚାକିରି କରୁଥିଲେ। ୨୦୨୨ ମାର୍ଚ୍ଚ ୧୭ ରାତି ୯ଟାରେ ଉଭୟ ଭୁବନେଶ୍ୱର ଆସୁଥିଲେ । ଢେଙ୍କାନାଳରୁ ଆସୁଥିବା ବେଳେ ପତ୍ନୀଙ୍କୁ ରାସ୍ତାରେ ପରିସ୍ରା ଲାଗିଥିଲା। ଖୁଣ୍ଟୁଣୀ ଥାନା ରାଧାଦାମୋଦରପୁର ନିକଟରେ ଗାଡ଼ିରୁ ଓହ୍ଲାଇଥିଲେ ଆଉ ଏତିକିବେଳେ ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିବା କହିଥିଲା ଦୀପକ । ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ନିଜ କାରରେ କଟକର ଏକ ଘରୋଇ ହସ୍ପିଟାଲକୁ ନେଇଥିଲା । ଚିକିତ୍ସା ସମୟରେ ପତ୍ନୀଙ୍କ ମୃତ୍ୟୁ ହୋଇଥିବା ଖୁଣ୍ଟୁଣୀ ଥାନାରେ ଜଣାଇଥିଲେ ଦୀପକ । ଏହାରି ଭିତରେ ପୁରୀରେ ସ୍ୱର୍ଗଦ୍ୱାରରେ ଶୁଭମିତ୍ରାଙ୍କ ଅନ୍ତିମ ସଂସ୍କାର କରାଯାଇଛି ।

ବିଧାନସଭା ଆରମ୍ଭରୁ କଂଗ୍ରେସର ମାଷ୍ଟରଷ୍ଟ୍ରୋକ୍: ଆଣିଲା ଅନାସ୍ଥା ପ୍ରସ୍ତାବ

ଭୁବନେଶ୍ୱର, ୧୮/୯ (ନି.ପ୍ର): ଗତ କିଛି ଦିନ ହେଲା କଂଗ୍ରେସ ଯାହା କହି ଆସୁଥିଲା ତାହା ହିଁ କରିଛି । ସୁଶାସନ ଦେବାରେ ବିଜେପି ସରକାର ବିଫଳ ହେବା ଅଭିଯୋଗ ଆଣି ଆଜି ବିଧାନସଭାରେ ଅନାସ୍ଥା ପ୍ରସ୍ତାବ ଆଣିଛି କଂଗ୍ରେସ । ବିଜେଡି ବିଧାୟକଙ୍କୁ ଭେଟି ସମର୍ଥନ ବି ଲୋଡ଼ିଛନ୍ତି କଂଗ୍ରେସ ବିଧାୟକ । କଂଗ୍ରେସର ଏହି ପ୍ରସ୍ତାବକୁ କିନ୍ତୁ ଉପହାସରେ ଉଡ଼ାଇ ଦେଇଛି ଶାସକ ଦଳ । ବିଜେପି ସରକାର ପ୍ରତି କୌଣସି ବିପଦ ହେବ ନାହିଁ ଜାଣି ବି ବିଧାନସଭାରେ ଅନାସ୍ଥା ପ୍ରସ୍ତାବ ଆଣିଛି କଂଗ୍ରେସ । ସରକାରଙ୍କ ବିଫଳତାକୁ ପ୍ରସଙ୍ଗ କରି, ବିଧାନସଭା ସଚିବଙ୍କୁ ଭେଟି ବାଚସ୍ପତିଙ୍କ ଉଦ୍ଦେଶ୍ୟରେ ଅନାସ୍ଥା ପ୍ରସ୍ତାବ ନୋଟିସ୍ ଦେଇଛନ୍ତି କଂଗ୍ରେସ ବିଧାୟକ । ଅନାସ୍ଥା ପ୍ରସ୍ତାବ ଜରିଆରେ ମୋହନ ସରକାରଙ୍କ ଗ୍ରହଣୀୟତାର ପରୀକ୍ଷା କରିବାକୁ ଅଣ୍ଟା ଭିଡ଼ିଛି କଂଗ୍ରେସ । ସରକାର ବିରୋଧୀ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା ପାଇଁ ସୁଯୋଗ ଖୋଜୁଛି ଦଳ । ଅନାସ୍ଥା ଆଣିବା ସହ ବିଜେଡି କୋର୍ଟକୁ ବଲ୍ ଫିଙ୍ଗିଛି କଂଗ୍ରେସ । ▶▶ପୃଷ୍ଠା ୭

ଭୋଟ ଚୋରିର ପ୍ରମାଣ ଦେଖାଇଲେ ରାହୁଲ: ଭିତ୍ତିହୀନ କହିଲେ ନିର୍ବାଚନ କମିଶନ

ନୂଆଦିଲ୍ଲୀ,୧୯/୯ : ଭୋଟଚୋରିକୁ ନେଇ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଅଭିଯୋଗ ଜାତୀୟ ରାଜନୀତିରେ ଝଡ଼ ସୃଷ୍ଟି କରିଛି । ଇସି ଭୋଟଚୋରଙ୍କୁ ସୁରକ୍ଷା ଦେଉଥିବା କହି ଗଣତନ୍ତ୍ରକୁ ବଞ୍ଚାଇବାକୁ ସାଧାରଣ ଲୋକଙ୍କୁ ଆହ୍ୱାନ ଦେଇଛନ୍ତି ରାହୁଲ । ଜବାବ ରଖିଛନ୍ତି ନିର୍ବାଚନ କମିସନ । ଭୋଟ ଚୋରିକୁ ନେଇ ବିଜେପି ଓ ନିର୍ବାଚନ କମିସନଙ୍କ ଉପରେ ସଣ୍ଢୁଆସୀ ଆକ୍ରମଣ କରିଛନ୍ତି ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ । କର୍ଣ୍ଣାଟକର ଆଲନ୍ଦ ବିଧାନସଭା କ୍ଷେତ୍ରକୁ ଉଦାହରଣ ଭାବେ ନେଇ ପ୍ରମାଣ ଦେଖାଇ ବର୍ଷିଛନ୍ତି ରାହୁଲ । କହିଛନ୍ତି, ୨୦୨୩ରେ ୬ ହଜାର ୧୮ କଂଗ୍ରେସ ଭୋଟରଙ୍କ ନାଁ ତାଲିକାରୁ କଟାଯାଇଥିଲା । ନିର୍ବାଚନ କମିସନଙ୍କ ସିଷ୍ଟମ୍‌କୁ ହ୍ୟାକ୍ କରି ସଫ୍ଟୱେୟାର ଜରିଆରେ ଭୋଟରଙ୍କ ନାଁ ତାଲିକାରୁ କଟାଯାଇଥିଲା ।ଯେଉଁ ପ୍ରକ୍ରିୟାରେ ଭୋଟରଙ୍କ ନାଁ କଟିଥିଲା, ତାହାର ତଥ୍ୟ ମାଗିଥିଲା କର୍ଣ୍ଣାଟକ ସିଆଇଡି । ବାରମ୍ବାର ଚିଠି ଲେଖିବା ପରେ ମଧ୍ୟ ଉତ୍ତର ଦେଇନାହାନ୍ତି ନିର୍ବାଚନ କମିସନ । କାହିଁକି ନିର୍ବାଚନ କମିସନ ଉତ୍ତର ଦେଉନାହାନ୍ତି ? ଭୋଟଚୋରଙ୍କ ସୁରକ୍ଷାଦାତା ସାଜିଛନ୍ତି କି ନିର୍ବାଚନ କମିସନ ? ମୁଖ୍ୟ ନିର୍ବାଚନ କମିସନ ଜ୍ଞାନେଶ କୁମାରଙ୍କ ▶▶ପୃଷ୍ଠା ୭

ଓଡିଶାରେ ବର୍ତ୍ତମାନ ସୁଦ୍ଧା ୪୩୫୧ଟି ଗାଡି ସ୍କ୍ରାପ ହୋଇଛି

ଭୁବନେଶ୍ୱର ଭୁବନେଶ୍ୱର, ୧୮/୯ (ନି.ପ୍ର): ରାଜ୍ୟରେ ଯାନବାହାନ ସ୍କ୍ରାପ ନୀତି କାର୍ଯ୍ୟକାରୀ ହେବାଠାରୁ ବର୍ତ୍ତମାନ ସୁଦ୍ଧା ୪୩୫୧ଟି ଗାଡି ସ୍କ୍ରାପ ହୋଇଛି । ରାଜ୍ୟରେ ଥିବା ୨ଟି ଗାଡି ସ୍କ୍ରାପ କେନ୍ଦ୍ରରେ ଏହା ହୋଇଥିବା କହିଛନ୍ତି ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା । ଗାଡି ସ୍କ୍ରାପ ନୀତି ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇ ପରିବହନ ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ଯେ ରାଜ୍ୟରେ ଯାନବାହାନ ସ୍କ୍ରାପ ନୀତି ୨୦୨୨ ନଭେମ୍ବର ମାସରୁ କାର୍ଯ୍ୟକାରୀ ହେଉଛି । ବର୍ତ୍ତମାନ ଗାଡି ଗୁଡିକୁ ସ୍କ୍ରାପ କରିବାପାଇଁ ୨ଟି କେନ୍ଦ୍ର ରହିଛି । ଏଥିରୁ ଗୋଟିଏ ଖୋର୍ଦ୍ଧା ଠାରେ ଥିବାବେଳେ ଅନ୍ୟଟି ଯାଜପୁର ଜିଲ୍ଲାର ଚଢେଇଧରା ଠାରେ ରହିଛି । ସେହିଭଳି ରାଜ୍ୟରେ ସ୍କ୍ରାପ ଯୋଜନା କାର୍ଯ୍ୟକାରୀ ହେବାଠାରୁ ଅଦ୍ୟାବଧି ୪୩୫୧ଟି ଗାଡି ସ୍କ୍ରାପ କରାଯାଇଛି । ସରକାରୀ ଅନୁମୋଦିତ ସଂସ୍ଥା ବଦଳରେ କବାଡିଆମାନେ ପୁରୁଣା ଗାଡି ସ୍କ୍ରାପ କରୁଥିବା ବିଷୟ ସରକାରଙ୍କ ନଜରକୁ ଆସିନାହିଁ ବୋଲି ମନ୍ତ୍ରୀ ଶ୍ରୀ ଜନେ। ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି ।

ବିଏମସି ପକ୍ଷରୁ ବୁଲା କୁକୁର ଗଣନା ଆରମ୍ଭ

ଭୁବନେଶ୍ୱର, ୧୮/୯ (ନି.ପ୍ର): ରାଜ୍ୟରେ ପ୍ରଥମ ଥର ପାଇଁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍ ସି) ଅଂଚଳରେ ଗୁରୁବାର ଠାରୁ ବୁଲା କୁକୁର ଗଣନା ଆରମ୍ଭ ହୋଇଛି । ବିଏମ୍ ସି ପକ୍ଷରୁ ସମୁଦାୟ ୬୭ ଟି ୱାର୍ଡରେ ଏକ କାଳୀନ ଗଣନା କରାଯାଉଛି । ୨୫ ତାରିଖ ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ଚାଲିବାକୁ ଥିବା ଏହି ବୁଲା କୁକୁର ଗଣନା କାର୍ଯ୍ୟରେ ୪୧୦ ଟି ଟିମ୍ ନିୟୋଜିତ ହୋଇଛନ୍ତି ।

କୋଇଲା କେଳେଙ୍କାରି ମାନିଲେ ସରକାର

ଭୁବନେଶ୍ୱର, ୧୮/୯ (ନି.ପ୍ର): ସୁନ୍ଦରଗଡ଼ କୋଇଲା ଖଣି ଚୋରିର ସତ ମାନିଛନ୍ତି ସରକାର । ୯୮୪୩ ମେଟ୍ରିକ ଟନ କୋଇଲା ବେଆଇନ ଭାବେ ଚୋରି ହୋଇଛି ବୋଲି ଖଣିମନ୍ତ୍ରୀ ଆଜି ବିଧାନସଭାରେ ଉତ୍ତର ରଖିଛନ୍ତି । କିନ୍ତୁ ପ୍ରକୃତ ଦୋଷୀଙ୍କୁ ଏ ଯାଏଁ ଧରାଯାଇପାରିନି । ସୁନ୍ଦରଗଡ଼ରେ ଶହ ଶହ କୋଟି ଟଙ୍କାର କୋଇଲା ଚୋରି ହୋଇଛି । କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ପଚାରିଥିବା ଲିଖିତ ପ୍ରଶ୍ନର ଉତ୍ତର ରଖିଛନ୍ତି ଖଣି ମନ୍ତ୍ରୀ ବିଭୂତି ଜେନା । ସୁନ୍ଦରଗଡ଼ ଜିଲ୍ଲାରେ ୯୮୪୩ ମେଟ୍ରିକ ଟନ୍ କୋଇଲା ବେଆଇନ ଭାବେ ଚୋରି ହୋଇଛି, ଯାହାର ଆନୁମାନିକ ମୂଲ୍ୟ ଶହ ଶହ କୋଟି ହେବ । ଘଟଣାରେ ୪ ଜଣ ଗିରଫ ହୋଇଛନ୍ତି । ଅନ୍ୟ ବ୍ୟକ୍ତି ବା ସଂସ୍ଥାର ସଂପୃକ୍ତି ନେଇ ଅନୁସନ୍ଧାନ ଚାଲିଛି । ଏସ୍‌ଆଇଟି ଦ୍ୱାରା ତଦନ୍ତ ଜାରି ରହିଛି । ଖଣି ଚୋରିର ଚେର ଏତେ ଲମ୍ବିଥିଲା ଯେ ସରକାର ବାଧ୍ୟ ହୋଇ ଏସ୍‌ଆଇଟି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ । ଖୋଦ ଖଣିମନ୍ତ୍ରୀ ଓ ପରିବେଶ ମନ୍ତ୍ରୀ ଅଧିକାରୀଙ୍କ ସହ ସୁନ୍ଦରଗଡ଼ର ଗ୍ରାଉଣ୍ଡକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ । ହେଲେ ଦୀର୍ଘ ୩ ମାସ ଧରି ତଦନ୍ତ ଶିଥିଳ ହୋଇପଡିଥିଲା । କିଏ ଚୋରି କରୁଥିଲା ? ଚେର କୁଆଡ଼େ ଲମ୍ବିଥିଲା ? ତାହା ଲୁଚିଗଲା । ଏବେ ବିଧାନସଭାରେ ସତ ସାମ୍ନାକୁ ଆସିଛି। ଖଣି ମନ୍ତ୍ରୀଙ୍କ କହିବା କଥା ହେଲା, ବେଆଇନ ଖଣି ଖନନକୁ ରୋକିବା ପାଇଁ ରାଜ୍ୟ, ଜିଲ୍ଲା ଓ ସର୍କଲ ସ୍ତରରେ ସ୍କ୍ୱାଡ୍ ଗଠନ ହୋଇଛି । ଅଚାନକ ଚଢ଼ାଉ ସହ ଯାଞ୍ଚ କରାଯାଉଛି । ଖଣିସ୍ଥାନ ସିସିଟିଭି ନଜରରେ ଅଛି ଓ ପରିବହନକୁ ଜିପିଏସ୍ ସହ ସଂଲଗ୍ନ କରାଯାଇଛି। ପ୍ରଶ୍ନ ଉଠୁଛି, ରାଜ୍ୟର ସବୁଠାରୁ ବଡ଼ କୋଇଲା ଚୋରିର ତଦନ୍ତ ଆଉ କେତେ ଦିନ ଚାଲିବ ? ମାଫିଆ ଓ ବଡ଼ ଅଧିକାରୀଙ୍କୁ ବଞ୍ଚାଇବାକୁ ଉଦ୍ୟମ ହେଉଛି କି ?

ପେନସନ୍ ପାଇବେ ସୁଭଦ୍ରା ହିତାଧିକାରୀ

ଭୁବନେଶ୍ୱର, ୧୮/୯ (ନି.ପ୍ର): ପେନସନ୍ ପାଇବେ ସୁଭଦ୍ରା ହିତାଧିକାରୀ । ୬୦ ପାର୍ ହୋଇଗଲେ ଚିନ୍ତା କରନ୍ତୁନି । ଭତ୍ତା ଦେବେ ସରକାର ଏହି ସୂଚନା ଦେଲେ ଉପମୁଖ୍ୟମନ୍ତ୍ରୀ । ୬୦ ବର୍ଷ ବୟସ ପାଇଁ ସୁଭଦ୍ରାରୁ ୯୩ ହଜାର ହିତାଧିକାରୀ ବାଦ୍ ପଡ଼ିଛନ୍ତି। ସେମାନଙ୍କୁ ପେନସନ୍ ଯୋଜନାରେ ସାମିଲ କରାଯିବ। ବ୍ୟବସ୍ଥା କରୁଛନ୍ତି ରାଜ୍ୟ ସରକାର। ମଧୁବାବୁ ପେନସନ ଯୋଜନା କିମ୍ବା ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମରେ ସୁଭଦ୍ରା ଯୋଜନାର ପୂର୍ବ ହିତାଧିକାରୀଙ୍କୁ ସାମିଲ କରାଯିବ। ଏଥିପାଇଁ ମହିଳା ଓ ଶିଶୁ ବିକାଶ ବିଭାଗକୁ ଚିଠି ଲେଖିଛି ସାମାଜିକ ନିରାପତ୍ତା ଓ ନ୍ୟାୟ ବିଭାଗ। ▶▶ପୃଷ୍ଠା ୭

ଶିଳ୍ପପତି ଗୌତମ ଆଦାନୀଙ୍କୁ ସେବିର କ୍ଲିନଚିଟ୍: ହିଣ୍ଡେନବର୍ଗ ଅଭିଯୋଗ ଭିତ୍ତିହୀନ ସାବ୍ୟସ୍ତ

ନୂଆଦିଲ୍ଲୀ,୧୯/୯ : ହିଣ୍ଡନବର୍ଗ ମାମଲାରେ ଆଦାନୀ ଗ୍ରୁପକୁ କ୍ଲିନଚିଟ୍ ପ୍ରଦାନ କରିଛି ପୁଞ୍ଜି ବଜାର ନିୟନ୍ତ୍ରକ ସେବି । ଆଦାନୀ ଗ୍ରୁପ ବିରୋଧରେ ହିଣ୍ଡନବର୍ଗ ଲଗାଇଥିବା ଅଭିଯୋଗରେ କୌଣସି ଆଧାର ନାହିଁ ବୋଲି ସେବି କହିଛି । ଏହା ଫଳରେ ଆଦାନୀ ଗ୍ରୁପ ଆଶ୍ୱସ୍ତ ହୋଇଛି । ୨୦୨୩ ମସିହାରେ ଭାରତର ପ୍ରସିଦ୍ଧ ବ୍ୟବସାୟୀ ଗୌତମ ଆଦାନୀଙ୍କ ଗ୍ରୁପ ସମ୍ବନ୍ଧରେ ଆମେରିକାଭିତ୍ତିକ ହିଣ୍ଡନବର୍ଗ ରିସର୍ଚ୍ଚ ଏକ ରିପୋର୍ଟ ପ୍ରକାଶ କରିଥିଲା। ସେଥିରେ କୁହାଯାଇଥିଲା ଯେ, ଆଦାନୀ ଗ୍ରୁପ କମ୍ପାନୀମାନେ ସେୟର ମୂଲ୍ୟକୁ କୃତ୍ରିମ ଭାବେ ବଢ଼ାଇଛନ୍ତି ଏବଂ ଋଣରେ ଅତ୍ୟଧିକ ନିର୍ଭର କରିଛନ୍ତି। ୨୦୨୩ ମସିହାରେ ଭାରତର ପ୍ରସିଦ୍ଧ ବ୍ୟବସାୟୀ ଗୌତମ ଆଦାନୀଙ୍କ ଗ୍ରୁପ ସମ୍ବନ୍ଧରେ ଆମେରିକାଭିତ୍ତିକ ହିଣ୍ଡନବର୍ଗ ରିସର୍ଚ୍ଚ ଏକ ରିପୋର୍ଟ ପ୍ରକାଶ କରିଥିଲା। ସେଥିରେ କୁହାଯାଇଥିଲା ଯେ, ଆଦାନୀ ଗ୍ରୁପ କମ୍ପାନୀମାନେ ସେୟର ମୂଲ୍ୟକୁ କୃତ୍ରିମ ଭାବେ ବଢ଼ାଇଛନ୍ତି ଏବଂ ଋଣରେ ଅତ୍ୟଧିକ ନିର୍ଭର କରିଛନ୍ତି। ରିପୋର୍ଟରେ କୁହାଯାଇଥିଲା ଯେ ଆଦାନୀ ଗ୍ରୁପର ବିଭିନ୍ନ କମ୍ପାନିରୁ ପାଣ୍ଡିକୁ ଆଦିକର୍ପ ନାମକ କମ୍ପାନି ଜରିଆରେ ଆଦାନୀ ପାୱାରକୁ ପ୍ରେରଣ କରାଯାଉଥିଲା । ଏହି ଖବର ପ୍ରକାଶ ପରେ ବଜାରରେ ବଡ଼ ହ୍ରାସ ଦେଖାଯାଇଥିଲା ଏବଂ ଅଳ୍ପକିଛି ଦିନରେ ଆଦାନୀ ଗ୍ରୁପର କୋଟିକୋଟି ଟଙ୍କାର ମାର୍କେଟ ଭାଲ୍ୟୁ କମିଗଲା। ଆଦାନୀ ଗ୍ରୁପ ଏହି ଅଭିଯୋଗକୁ ଖଣ୍ଡନ କରିଥିଲା ଓ ଏହାକୁ ଭାରତ ବିରୋଧୀ ଷଡଯନ୍ତ୍ର ବୋଲି କହିଲା। ▶▶ପୃଷ୍ଠା ୭

ବିବାଦ ବଢ଼ିବା ପରେ ମୁହଁ ଖୋଲିଲେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି: ସବୁ ଧର୍ମ ପ୍ରତି ମୋର ସମ୍ମାନ ଅଛି

ନୂଆଦିଲ୍ଲୀ,୧୯/୯ : ସବୁ ଧର୍ମ ପ୍ରତି ମୋର ସମ୍ମାନ ଅଛି । ଏକ ମାମଲାରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ୍ ବି. ଆର. ଗବାଇ ଦେଇଥିବା ମନ୍ତବ୍ୟକୁ ନେଇ ବିବାଦ ହେବା ପରେ ଜଷ୍ଟିସ ଗବାଇ ଏପରି କହିଛନ୍ତି । ମଧ୍ୟପ୍ରଦେଶ ଖଜୁରାହୋର ଏକ ମନ୍ଦିରରେ ଭଗବାନ ବିଷ୍ଣୁଙ୍କ ପ୍ରତିମୂର୍ତ୍ତି ପୁନଃନିର୍ମାଣ ଓ ପୁନଃ ପ୍ରତିଷ୍ଠା ପାଇଁ ରାକେଶ ଦଲାଲ ନାମକ ବ୍ୟକ୍ତି ସୁପ୍ରିମକୋର୍ଟରେ ଏକ ମାମଲା ରୁଜୁ କରିଥିଲେ । ଏହି ମାମଲାକୁ ଅଗ୍ରାହ୍ୟ କରି ଜଷ୍ଟିସ ଗବାଇ କହିଥିଲେ ଯେ, ଏହା ଏକ 'ପ୍ରଚାର ସ୍ୱାର୍ଥ ମାମଲା । ଯାଅ ତୁମ ଭଗବାନଙ୍କୁ କୁହ' । ▶▶ପୃଷ୍ଠା ୭

ଆରମ୍ଭ ହେଲା ପାରାଦ୍ୱୀପରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା

କଳସ ଶୋଭାଯାତ୍ରାରେ ଦୁଲୁକିଲା ବନ୍ଦର ନଗର

ପାରାଦୀପ, ୧୮/୦୯ (ନି.ପ୍ର): ବନ୍ଦର ଓ ଶିଳ୍ପ ସହର ପାରାଦୀପରେ ଆରମ୍ଭ ହୋଇଛି ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଉତ୍ସବ । ସପ୍ତାହବ୍ୟାପି ପାଳିତ ହେବାକୁ ଥିବା ଏହି ପୂଜା ଉତ୍ସବର ପ୍ରଥମ ଦିନରେ ଆଜି କଳସ ଶୋଭାଯାତ୍ରାରେ ସହର ଦୁଲୁକି ଥିଲା । ବାଜାବାଣରେ ସହର ପ୍ରକମ୍ପିତ ହୋଇଥିଲା । ବିଭିନ୍ନ ପୂଜା ମଣ୍ଡପ ପକ୍ଷରୁ ଆକର୍ଷଣୀୟ କଳସ ଶୋବାଯାତ୍ରା ଦେଖିବାକୁ ମିଳିଥିଲା । ଭାରତୀୟ ବନ୍ଦର ମଜଦୁର ସଂଘ, ପାରାଦୀପ ପୋର୍ଟ ମଜଦୂର ସଂଘ, ଓଡିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ, ପାରାଦୀପ ଏରସମା ଶ୍ରମିକ ସଂଘ, ବନ୍ଦର ମେରାଇନ ବିଭାଗ ସମେତ ଟ୍ରକ୍ ମାଲିକ ସଂଘ, ଡମ୍ପର ମାଲିକ ସଂଘ ପକ୍ଷରୁ ଚିତାକର୍ଷକ କଳସ ଶୋଭାଯାତ୍ରାରେ ଶହଶଷ ପୁରୁଷ, ମହିଳା ସାମିଲ ହୋଇଥିଲେ । ଏହି ଶୋଭାଯାତ୍ରାରେ ରାଜ୍ୟର ବିଭିନ୍ନ ସ୍ଥାନମାନଙ୍କୁ ବ୍ୟାଣ୍ଡ ପାର୍ଟି ଯୋଗ ଦେଇଥିଲେ । ସପ୍ତାହବ୍ୟାପି ଏହି ପୂଜା ଉତ୍ସବ ନିମନ୍ତେ ପାରାଦୀପ ସହରର ବଡପଡିଆଠାରୁ ନୂଆବଜାର ପର୍ଯ୍ୟନ୍ତ ବିଭିନ୍ନ ପୂଜାମଣ୍ଡପ ସମେତ ମନୋହରୀ ଦୋକାନମାନ ଖୋଲାଯାଇଛି । ଆଇନ୍‌ଶୃଙ୍ଖଳା ପାଇଁ ପାରାଦୀପ ପୋଲିସ୍ ବ୍ୟାପକ ମୂତୟନ ହୋଇ ପୂଜା ଅଂଚଳକୁ ସମ୍ପୂର୍ଣ ଭାବେ ତଦାରକ କରାଯାଇଛି । ପୂଜା ଅଂଚଳ ମଧ୍ୟକୁ ଗାଡି ପ୍ରବେଶ ଉପରେ ରୋକ ଲଗାଯାଇଛି । ଗାଡି ବାହାରେ ରଖି ଦର୍ଶକମାନେ ଯେଭଳି ଶୃଙ୍ଖଳିତ ଭାବେ ଦର୍ଶନ କରିବେ ପୋଲିସ୍ ତା ଉପରେ ନଜର ରଖିଛି । ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରାଙ୍କ ସମେତ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଏବଂ ମ୍ୟୁନିସିପାଲିଟି ଟିମ୍ ପରିମଳ ବ୍ୟବସ୍ଥା ଦାୟିତ୍ୱ ନିର୍ବାହ କରୁଛନ୍ତି । ପୂଜାକୁ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ପୌର କର୍ମଚାରୀମାନେ ବ୍ୟବସାୟୀ ମାନଙ୍କୁ ସଚେତନ କରୁଛନ୍ତି ।ଚଳିତ ବର୍ଷ ବଡ ପଡିଆ ଥାନା ଛକ ଠାରୁ ଏମ୍ପାୟାର୍ସ ମଧ୍ୟରେ ୧୩ ଟି ବୃହତ ପୂଜା ମଣ୍ଡପରେ ଦେବଶିଳ୍ପୀ ବିଶ୍ୱକର୍ମା ପୂଜା ପାଉଛନ୍ତି ।ସେଥି ମଧ୍ୟରୁ ପାରାଦୀପ ଡ଼ମ୍ପର ମାଲିକ ସଙ୍ଘ, ପାରାଦୀପ ପୋର୍ଟ ଇଲେକ୍ଟ୍ରିକାଲଡିଭିଜନ, ଓଡିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଙ୍ଘ, ପାରାଦୀପ ଟ୍ରକ ମାଲିକ ସଙ୍ଘ, ଜଗନ୍ନାଥ ଟ୍ରକ ମାଲିକ ସଙ୍ଘ, ମେରାଇନ ବିଭାଗ, ପାରାଦୀପ ପୋର୍ଟ ଡକ ମଜଦୂର ୟୁନିୟନ, ଉତ୍କଳ ପୋର୍ଟ ଆଣ୍ଡ ଡକ ମଜଦୂର ୟୁନିୟନ, ଉତ୍କଳ ପୋର୍ଟ ଡକ ମଜଦୂର ୟୁନିୟନ, ବନ୍ଦର ପିଏଚଡି ବିଭାଗ, ଭାରତୀୟ ବନ୍ଦର ମଜଦୂର ସଙ୍ଘ, ବସ ମାଲିକ ସଙ୍ଘ, ଅଟୋ ମାଲିକ ସଙ୍ଘ ଓ ଟ୍ୟାକ୍ସି ମାଲିକ ସଙ୍ଘ ଚଳିତ ବର୍ଷ ପୂଜା ଆୟୋଜନ ରେ ଭାଗ ନେଇଛନ୍ତି ।ପାରାଦୀପ ସହରର ଆଗଧାଡ଼ିର ଦୁଇ ଅନୁଷ୍ଠାନ ବାପି ସର୍ଖେଲଙ୍କ ୟୁନିୟନ ଓ ସନ୍ତୋଷ ପଟ୍ଟନାୟକଙ୍କ ଜିଲ୍ଲା ଆସୋସିଏସନ ପୂଜାରୁ ଓହରି ଯାଇ ନିଜ କାର୍ଯ୍ୟାଳୟରେ ଧୁମ ଧାମରେ ପୂଜାକୁ ପାଳନ କରିଛନ୍ତି ।

ଜିଲ୍ଲାସ୍ତରୀୟ ଅଙ୍ଗୀକାର- ୨୦୨୫ ବା ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ

ବାଲେଶ୍ୱର , ୧୮/୦୯ (ନି.ପ୍ର): ବାଲେଶ୍ୱର ସ୍ଥିତ ସହିଦ ଗାନ୍ଧୀ ସ୍ମୃତି ଭବନଠାରେ ଦିବା ଘ ୧୧ଟିକା ସମୟରେ ଜିଲ୍ଲା ସ୍ତରୀୟ ଅଙ୍ଗୀକାର-୨୦୨୫ ବା ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ପୌରପାଳିକା ତରଫରୁ ଏକ ଶୋଭା ଯାତ୍ରାକୁ ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ ପତାକା ଦେଖାଇ ଶୁଭାରମ୍ଭ ରେ ମିଶନ ଶକ୍ତି କଫେ ଠାରୁ ବାହାରି ଗାନ୍ଧୀ ସ୍ମୃତି ଭବନଠାରେ ସମ୍ମିଳିତ ହୋଇଥିଲେ । ପରେ ପରେ ଜିଲ୍ଲା ସ୍ତରୀୟ ଅଙ୍ଗୀକାର -୨୦୨୫ ବା ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବାଲେଶ୍ୱର ସଦର ବିଧାୟକ ଶ୍ରୀଯୁକ୍ତ ମାନସ କୁମାର ଦତ୍ତ ଯୋଗ ଦେଇ ଥିବା ବେଳେ ବାଲେଶ୍ୱର ସାଂସଦ ଙ୍କ ପ୍ରତିନିଧି ଶ୍ରୀଯୁକ୍ତ ଚିତ୍ତରଞ୍ଜନ ପଣ୍ଡା, ପୌରପାଳିକା ଅଧ୍ୟକ୍ଷା ଶ୍ରୀମତୀ ସବିତା ସାହୁ,ପୌରପାଳିକା ନିର୍ବାହୀ ଅଧିକାରୀ ଶ୍ରୀମତୀ ନିର୍ଲିପ୍ତା ମହାନ୍ତି,ରେମୁଣା ପୌର ପରିଷଦ ନିର୍ବାହୀ ଅଧିକାରୀ ସମେତ ବାଲେଶ୍ୱର ପୌରପାଳିକାର ନିର୍ବାଚିତ ପ୍ରତିନିଧି ଗଣ ଉପସ୍ଥିତ ଥିଲେ । ବାଲେଶ୍ୱର ପୌରପାଳିକାର ନିର୍ବାହୀ ଅଧିକାରୀ ଶ୍ରୀମତୀ ନୀର୍ଲିପ୍ତା ମହାନ୍ତି ଅତିଥି ପରିଚୟ, ସ୍ୱାଗତ ସମ୍ଭାଷଣ ଏବଂ ଅଙ୍ଗୀକାର -୨୦୨୫ ବା ସ୍ୱଚ୍ଛତା ହିଁ ସେବା ସମ୍ପର୍କରେ ସଂକ୍ଷିପ୍ତ ବକ୍ତବ୍ୟ ରଖିଥିଲେ । ଏଥିରେ ମୁଖ୍ୟ ଅତିଥି ମାନ୍ୟବର ସଦର ବାଲେଶ୍ୱର ବିଧାୟକ ଶ୍ରୀଯୁକ୍ତ ମାନସ କୁମାର ଦତ୍ତ ଅଙ୍ଗୀକାର -୨୦୨୫ ବା ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ସମ୍ପର୍କରେ ବିଶଦ ଭାବେ ଅବତ ।ରଣ । କରିବା ସହିତ ସହରାଞ୍ଚଳ ରେ ପ୍ରଧାନ ମନ୍ତ୍ରୀ ଆବାସ ଗୃହ ଯୋଜନାରେ ଯୋଗ୍ୟ ବିବେଚିତ ହିତାଧୀକାରୀ ଚିହ୍ନଟ କରି ତାଙ୍କୁ ସମସ୍ତ ସହଯୋଗ କରିବା ନିମନ୍ତେ ପରାମର୍ଶ ଦେଇ ଥିଲେ ।ଜଣେ ଯୋଗ୍ୟ ବିବେଚିତ ହିତାଧୀକାରୀ ସରକାରଙ୍କ ସମସ୍ତ ଯୋଜନାର ସୁଫଳ ପାଇବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏଥି ସହିତ ଯୋଗ୍ୟ ବିବେଚିତ ହିତାଧୀକାରୀ ସରକାରଙ୍କ ଯୋଜନାର ମୁକ୍ତ ବିଦ୍ୟୁତ୍ ସେବା,ସ୍ୱଚ୍ଛ ପାନୀୟ ଜଳ,ବ୍ୟାଙ୍କ ପକ୍ଷରୁ ସହଜ ସୁବିଧାରେ ଋଣ ସମ୍ପର୍କରେ ସମ୍ପୃକ୍ତ ବିଭାଗୀୟ ପଦାଧିକାରୀ ଗଣ ନିଜ ନିଜର ସୂଚନା ଉପସ୍ଥିତ ସମସ୍ତ ସଦସ୍ୟ ସଦସ୍ୟା ଙ୍କୁ ଅବଗତ କରିଥିଲେ । ପରିଶେଷରେ ବାଲେଶ୍ୱର ପୌରପାଳିକା ନିର୍ବାହୀ ଅଧିକାରୀ ଶ୍ରୀମତୀ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ

ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ

ମୟୂରଭଞ୍ଜ, ୧୮/୦୯ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ପ୍ରଶାସନଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଏବଂ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ମିଳିତ ଆନୁକୂଲ୍ୟରେ ବାରିପଦା ସ୍ଥିତ ମହାରାଣୀ ପ୍ରେମ କୁମାରୀ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ପ୍ରାଙ୍ଗଣରେ ଜିଲ୍ଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ପାଳନ ଉପଲକ୍ଷେ ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାର ବିଭିନ୍ନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମହାବିଦ୍ୟାଳୟ, ଓଡିଶା ଆଦର୍ଶ ବିଦ୍ୟାଳୟ ର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଚାରୋଟି ବିଭାଗ ରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଉଚ୍ଚ ପ୍ରାଥମିକ ସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ମୋରଡା ବ୍ଲକ ଓଏଭି ର ସାଧନା ସେଜଲ ସ୍ୱାଇଁ,ବାରିପଦା ସ୍ଥିତ ଏମପିକେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଆର୍ଯ୍ୟ ସାନଭି ଶତପଥୀ, ବାରିପଦା ସ୍ଥିତ ଏମକେସି ସରକାରୀ ଉଚ୍ଚ ବିଦ୍ୟାଳୟ ର ଅଙ୍କିତ ଦାସ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି । ସେହିପରି ଉଚ୍ଚ ବିଦ୍ୟାଳୟ ସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ବାରିପଦା ସ୍ଥିତ ଏମପିକେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ର ଆଦ୍ୟାଶା ଦାସ,ବାରିପଦା ସ୍ଥିତ ବଳାଙ୍ଗୀ ବାଳିକା ଉଚ୍ଚ ବିଦ୍ୟାଳୟ ର ଢୁମୁନି ମୁର୍ମୁ, ମୋରଡା ବ୍ଲକ ଓଏଭି ର ପ୍ରଭୁପଦ ନାଏକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି । ସେହିପରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ବାରିପଦା ସ୍ଥିତ ସାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ତନୁଶ୍ରୀ ଦାସ, ନନ୍ଦିତା ପ୍ରଭା ଦାସ, ରଶ୍ମିରେଖା ଦାସ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି । ସେହିପରି ମହାବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତା ରେ ବାରିପଦା ତକତପୁର ସ୍ଥିତ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟ ର ଚୟନ କୁମାର ରଣା,ପ୍ରତ୍ୟୁଷା ବାରିକ, ଅଭିଳାଶ ନାଗ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି । କୃତି ପ୍ରତିଯୋଗୀ ମାନଙ୍କୁ ଆସନ୍ତା ଅକ୍ଟୋବର ମାସ ଦୁଇ ତାରିଖ ଜିଲ୍ଲା ପ୍ରଶାସନ ଦ୍ୱାରା ଗାନ୍ଧୀ ଜୟନ୍ତୀ ପାଳନ ଉଦ୍ଦେଶ୍ୟ ରେ ବାରିପଦା ସ୍ଥିତ ଗାନ୍ଧୀ ପାର୍କରେ ପୁରସ୍କୃତ ହେବେ । ବିଚାରକ ଭାବେ ବେତନଟୀ ମହାବିଦ୍ୟାଳୟ ର ଅବସରପ୍ରାପ୍ତ ଅଧ୍ୟକ୍ଷ ରାଜେନ୍ଦ୍ର ସାମଲ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅତୁଲ କୁମାର ପରିଡା ଯୋଗ ଦେଇଥିଲେ । ପ୍ରତିଯୋଗିତା ପରିଚାଳନା ପୌରାଧକ୍ଷ ବସନ୍ତ ବିଶ୍ୱାଳ, ପାରିଷଦ ସୌଦାମିନୀ ସାହୁ, ବିଧାୟକଙ୍କ ପାରାଦୀପ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂ, ପାରାଦୀପ ବନ୍ଦର ଟ୍ରଷ୍ଟି ସୁନୀଲକାନ୍ତ ଦାସ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ନୂଆବଜାରସ୍ଥିତ ଅଟଳ ବିହାରୀ ବାଜପେୟୀ ପାର୍କ ପରିସରରେ ମାନ୍ୟବର ମନ୍ତ୍ରୀଙ୍କ ସହିତ ଅତିଥି ମାନେ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିର୍ମୂରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ପାର୍କ ପରିସରରେ ଏକ ପେଡ୍ ମାଆ କେ ନାମ କାର୍ଯ୍ୟକ୍ରମ ଅଧିନରେ ବୃକ୍ଷରୋପଣ କରାଯାଇଥିଲା । ବହୁ ସଂଖ୍ୟାରେ ଦଳୀୟ କର୍ମୀ ଓ ଜନସାଧାରଣ ଯୋଗ ଦେଇଥିଲେ ।

'ଏକ ପେଡ୍ ମା' କି ନାମ' ଅବସରରେ ଚାରାରୋପଣ କଲେ ଅଗ୍ନିଶମ ବିଭାଗ

ନୀଳଗିରି , ୧୮/୦୯ (ନି.ପ୍ର): ଗଛ ଲଗାଇଲେ ଅଗ୍ନିଶମ କର୍ମଚାରୀ।ମା ପାଇଁ ଲାଗିଲା ଗୋଟିଏ ଗୋଟିଏ ଗଛ। ପୋଡାଜଳା ଗଛକୁ ଲିଭାଉ , ପୋଡା କାଠକୁ ବାହାର କରୁ ହେଲେ ଆଜି ଗଛ ଲଗାଇ ଆତ୍ମତୃପ୍ତି ପାଇଛି ଏଭଳି କହିଛନ୍ତି ଅଗ୍ନିଶମ ଅଧିକାରୀ। ରାଜ୍ୟ ସରକାରଙ୍କ ପକ୍ଷରୁ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ପାଳନ କରିବା ଅବସରରେ ଏଥିରେ ନିଜକୁ ସାମିଲ କରିଛନ୍ତି ନୀଳଗିରିର ଅଗ୍ନିଶମ ଓ ଜରୁରୀକାଳୀନ ସେବାକେନ୍ଦ୍ର। ସମସ୍ତେ ନିଜ ମାଟି ମା ପାଇଁ ଗୋଟିଏଗୋଟିଏ ଗଛ ଲଗାଇଛନ୍ତି । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ତହସିଲଦାର ସୋନମ ଦାସ, ଅଗ୍ନିଶମ ବିଭାଗର ଷ୍ଟେସନ ଅଫିସର ହରିଶଚନ୍ଦ୍ର ନାଥ ଓ ଅନ୍ୟ କର୍ମଚାରୀମାନେ ଯୋଗଦେଇ ଚାରାରୋପଣ କରିଥିଲେ।

ରେଡ଼କ୍ରସରେ ଯୋଗ ଦେଇଥିବା ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଉଦଳା , ୧୮/୦୯ (ନି.ପ୍ର): ଗୋପବନ୍ଧୁନଗର ବ୍ଲକ ଅନ୍ତର୍ଗତ କୁଆମରା ଗ୍ରାମସ୍ଥିତ ସାରସ୍ୱତ କନିଷ୍ଠ ମହାବିଦ୍ୟାଳୟରେ ଥିବା ଯୁବ ରେଡ଼କ୍ରସ ୟୁନିଟରେ ନୂଆକରି ଯୋଗ ଦେଇଥିବା ଛାତ୍ର ଛାତ୍ରୀ ମାନଙ୍କର ସ୍ୱାଗତ ଉତ୍ସବ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚଳିତ ସେପଟ୍ଟେମ୍ବର ୧୬ ତାରିଖ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ବାରିକ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉକ୍ତ ଉତ୍ସବକୁ ଉଦ୍‌ଘାଟନ କରି, ସେବା ମାଧ୍ୟମରେ ରେଡ଼କ୍ରସ କିପରି ସମସ୍ତଙ୍କୁ ନିଜର କରିପାରେ ସେ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଯୁବ ରେଡ଼କ୍ରସ ଅଧିକାରୀ ଅଧ୍ୟାପକ ଗଣେଷ ଜେନା କାର୍ଯ୍ୟକ୍ରମ ପରିଚାଳନାର ନେତୃତ୍ୱ ନେବା ସହିତ ରେଡ଼କ୍ରସର ଜନ୍ମ ଇତିହାସ ଓ ସମଗ୍ର ପୃଥିବୀରେ ଚାଲିଥିବା ରେଡ଼କ୍ରସର କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଇଥିଲେ । ଏହାପରେ ନୂତନ ଛାତ୍ର ଛାତ୍ରୀ ମାନେ ଜଣ ଜଣ କରି ନିଜ ନିଜର ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପକ ଶିଶିର କୁମାର ପୃଷ୍ଟି, ରବିନ୍ଦ୍ର କୁମାର ପଣ୍ଡା, ସଂଜୟ କୁମାର ପ୍ରଧାନ, ସୁଧାକର ଶତପଥୀ ପ୍ରମୁଖ ଏଥିରେ ଯୋଗ ଦେଇ, ଦେଶ ଦେଶ ମଧ୍ୟରେ ଯୁଦ୍ଧ ଲାଗିଲେ ଆହତ ସୈନିକ ମାନଙ୍କର ଚିକିତ୍ସା ପାଇଁ ରେଡ଼କ୍ରସ କିପରି ଭୂମିକା ନେଇଥାଏ, ରକ୍ତ ଦାନ ଶିବିର ଆୟୋଜନ କରି ରେଡ଼କ୍ରସ କିପରି ବହୁ ଲୋକଙ୍କର ଜୀବନ ରକ୍ଷା କରେ ଓ ବିଗତ ଦିନରେ ମହାମାରୀ କରୋନାର ମୁକାବିଲା ପାଇଁ ରେଡ଼କ୍ରସ କିପରି ଭୂମିକା ନେଇଥିଲା ଇତ୍ୟାଦି ବିଷୟରେ ଛାତ୍ର ଛାତ୍ରୀ ମାନଙ୍କୁ ବକ୍ତବ୍ୟ ମାଧ୍ୟମରେ ଜଣାଇଥିଲେ ।

ବାଲିଆପାଳରେ ବିଭିନ୍ନ ସ୍ଥାନରେ ଏକ୍ ପେଡ୍ ମା' କେ ନାମ୍ କାର୍ଯ୍ୟକ୍ରମ

ବାଲିଆପାଳ , ୧୮/୦୯ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ ତମ ଜନ୍ମଦିନ ପାଳନ ଅବସରରେ ସେପଟ୍ଟେମ୍ବର ୧୭ ତାରିଖ ଠାରୁ ଦେଶ ବ୍ୟାପି ଦ'ଏକ୍ ପେଡ୍ ମାଦ'କେ ନାମ୍ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ଅବସରରେ ବାଲିଆପାଳ ବ୍ଲକରେ ବିଭିନ୍ ସ୍ଥାନରେ ବୃକ୍ଷ ରୋପଣ ସହ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅସ୍ତି ପଞ୍ଚାୟତ ଡାଲୁଆ ୨ ଠାରେ ବାଇପାସ୍ ରାସ୍ତା ଠାରୁ ସୁବର୍ଣ୍ଣ ରେଖା ପୋଲ ପର୍ଯ୍ୟନ୍ତ ବୃକ୍ଷ ରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ,ବାଲିଆପାଳ ବିଡିଓ ରାଧା ରଞ୍ଜନ ଦାଶ, ତହସିଲଦାର ଜ୍ୟୋସ୍ନା ରାଣୀ ନାୟକ, ସାଂସଦ ପ୍ରତିନିଧି ରବିନ୍ଦ୍ର ଅଣ୍ଡିଆ, ପ୍ରମୁଖ ଯୋଗଦେଇ ପରିବେଶକୁ ସୁସ୍ଥ ରଖିବା ପାଇଁ ବୃକ୍ଷ ରୋପଣର ଗୁରତ୍ୱ, ଉପରେ ଆଲୋଚନା କରିଥିଲେ ।ସେହି ପରି ମଧୁପୁରା ପଂଚାୟତର ସିମୁଳିଆ ମଠ ପରିସରରେ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଯୋଗ ଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ । ଏହି ଅବସରରେ ମଠ ପରିସରରେ ଶତାଧିକ ଚାରା ରୋପଣ କରଯାଇଥିଲା । କାର୍ଯ୍ୟକ୍ରମରେ ବିଜେପିର ବହୁ ଦଳୀୟ ନେତୃମଣ୍ଡଳୀ ଉପସ୍ଥିତ ଥିଲେ । ସେହିପରି ବଳରାମ ପୁର ପଂଚାୟତର ସରପଂଚ ଅରୁଣ କୁମାର ପାଣୀଗ୍ରାହୀଙ୍କ ତତ୍ତ୍ୱବଧାନରେ ବିଭିନ୍ନ ବିଦ୍ୟାଳୟରେ ଚାରା ରୋପଣ କରାଯାଇଥିଲା । ଦେଉଳା ପଂଚାୟତରେ ସରପଂଚ ସରୋଜ ପିଳାଙ୍କ ତତ୍ତ୍ୱବଧାନରେ ବାସୁଦେବପୁର ପଡିଆରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମସ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଙ୍ଗନବାଡି କର୍ମୀ, ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ,ଓ୍ୱଡମେୟର, ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ମାନେ ଉପସ୍ଥିତ ଥିଲେ। ସେହିପରି ବାଲିଆପାଳ ଅଗ୍ନିଶମ ବିଭାଗ ପକ୍ଷରୁ କେନ୍ଦ୍ର ଅଧିକାରି କାଶିନାଥ ମାରାଣ୍ଡି ଙ୍କ ତତ୍ତ୍ୱାବଧାନରେ ଅଗ୍ନିଶମ କେନ୍ଦ୍ର ପରିସରରେ ବୃକ୍ଷ ରୋପଣ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମ ଦିନରେ ୭୫ ୟୁନିଟ୍ ରକ୍ତ ସଂଗ୍ରହ

ପାରାଦୀପ, ୧୮/୦୯ (ନି.ପ୍ର): ଭାରତୀୟ ଜନତା ପାର୍ଟି ପାରାଦୀପ ମଣ୍ଡଳ ପକ୍ଷରୁ ବୁଧବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ ତମ ଜନ୍ମ ଦିବସ ଉପଲକ୍ଷେ ପାରାଦ୍ୱୀପ ମଣ୍ଡଳ ସଭାପତି ତଥା ପାରିଷଦ ସୁବ୍ରତ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବରକୁ ପାରାଦୀପ ବିଧାୟକ ତଥା ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଉଦଘାଟନ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ୭୫ ତମ ଜନ୍ମ ଦିବସ ଅବସରରେ ଏହି ରକ୍ତ ଦାନ ଶିବିରରୁ ମୋଟ ୭୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପାରାଦୀପ ଏଡିଏମ୍ ନିରଂଜନ ବେହେରା , ପାରାଦ୍ୱୀପ